ଧରିତ୍ରୀ
DHARITRI
ମଙ୍ଗଳବାର, ୧୨ ଜୁଲାଇ, ୨୦୨୨



## ସଂକ୍ଷେପରେ

### ଚାଉଳ ଚୋରି ମାମଲାରେ ଜଣେ ଗିରଫ

ଜୟପୁର,୧୧।୭ (ନି.ପ୍ର.)- ଚାଉଳ ଚୋରି ମାମଲାରେ ସୋମବାର ପୁଣି ଜଣକୁ ଗିରଫ କରିଛି ଟାଉନ ଥାନା ପୋଲିସ। ଗିରଫ ଅଭିଯୁକ୍ତ ହେଲେ ଯମୁନାଗୁଡାର ମୁନା ଗରଡା। ଏହି ମାମଲାରେ ପୂର୍ବରୁ ୩ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ମୁନା ଫେରାର ଥିଲେ। ସେ ଯମୁନାଗୁଡାରେ ଥିବା ସୂଚନା ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରଥିଲା ବୋଲି ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି।

### ସ୍ୱାମୀନାଥନ ରିସର୍ଚ୍ଚ ଫାଉଣ୍ଡେଶନ ପକ୍ଷରୁ ପାଣି ପମ୍ପ ବିତରଣ



କୁନ୍ଦୁରା,୧୧।୧୦ (ଡି.ଏନ.ଏ.)- କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ଅନ୍ତର୍ଗତ ନୁଆଗୁଡାଠାରେ ଗରିବ ଏବଂ ମଧବିତ ଶ୍ରେଣୀର ଚାଷୀଙ୍କୁ ସାମୀନାଥନ ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ପାଣି ମୋଟର ପମ୍ପ ବିତରଣ କରାଯାଇଛି। କୁନ୍ଦୁରା ଏବଂ ବୈପାରିଗୁଡା ବ୍ଲକର ୨୦ ଜଣ ଚାଷୀ ଏହା ପାଇଛନ୍ତି। ଗରିବ ଚାଷୀଙ୍କ ବିହନ ଏବଂ ଗଜା ଧାନକୁ ବଞ୍ଚାଇବାରେ ଏହା ସହାୟକ ହେବ। ଗତ ଦିନରେ ମଧ ଚାଷୀଙ୍କୁ ସାବଲମ୍ବୀ କରାଯିବାକୁ ସଂସ୍ଥା ପକ୍ଷରୁ ବିଭିନ୍ନ କୃଷି ଯନ୍ତ୍ରପାତି ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକ କୃଷି ଅଧିକାରୀ ଅଇନି ବିଶୋୟୀ,ସାମୀନାଥନ ସଂସ୍ଥାର ବୈଜ୍ଞାନିକ କାର୍ତ୍ତିକ ଚରଣ ଲେଙ୍କା, ବରିଷ୍ଠ ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ ପରିଡା ,ଅଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଜିଲାରେ ୪ କରୋନା ପଜିଟିଭ ଚିହ୍ନଟ

କୋରାପୁଟ/ଜୟପୁର, ୧୧।୭ (ସ୍ୱ.ପ୍ର./ନି.ପ୍ର)- କୋରାପୁଟ ଜିଲାରେ ସୋମବାର ୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜୟପୁର ମ୍ୟୁନିସିପାଲିଟି ଅଞ୍ଚଳରୁ ୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ବୈପାରିଗୁଡା ବ୍ଲକ ଅଞ୍ଚଳରୁ ଜଣେ ଓ କୋରାପୁଟ ବ୍ଲକ ଅଞ୍ଚଳରୁ ଜଣେ ରହିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜୟପୁରର ଚିହ୍ନଟ ଆକ୍ରାନ୍ତଙ୍କ ମଧରେ ଇରିଗେଶନ କଲୋନୀର ଜଣେ ଓ ପ୍ରସାଦରାଓ ପେଟା ଅଞ୍ଚଳରେ ଜଣେ ବୋଲି ଜଣାପଡିଛି। ସୋମବାରର ଏହି ସଂଖ୍ୟାକୁ ମିଶାଇ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୮ରେ ପହଞ୍ଚିଛି।

# ୩୨୬ ନଂ. ଜାତୀୟ ରାଜପଥ ପୋଲ ଉପରେ ପାଣି

**ଲଘୁଚାପ ବର୍ଷା**

- ବର୍ଷା ଜିଲାରେ ସାଧାରଣ ଜୀବନଯାତ୍ରା ବ୍ୟାହତ କରିଛି
- ଗାଡିମୋଟର ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛି
- ସ୍ଥିତି ଉପରେ ନଜର ରଖିଛି ପ୍ରଶାସନ

ଏମ୍‌ଭି ୭୯,୧୧।୭(ଡି.ଏନ.ଏ)

ମାଲକାନଗିରି ଜିଲାରେ ଲଘୁଚାପଜନିତ ବର୍ଷା ଜାରି ରହିଛି। ଏହାର ପ୍ରଭାବରେ କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି-୯୬ ଗ୍ରାମ ନିକଟସ୍ଥ ୩୨୬ ନମ୍ବର ଜାତୀୟ ରାଜପଥର ପୋଲ ଉପରେ ପାଣି ଜମିରହିଛି। ପୋଲ ଉପରେ ଏକ ଫୁଟ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ଲଘୁଚାପଜନିତ ବର୍ଷା ଯୋଗୁ ଜିଲାରେ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି। ସୋମବାର ଏହାର ପ୍ରଭାବ ଅଧିକ ରହିଛି। ଏଥିଯୋଗୁ କାଲିମେଳାଠାରୁ ମୋଟୁ ଏବଂ ପଡୋଶୀ ଆନ୍ଧ୍ର ପ୍ରଦେଶକୁ ସଂଯୋଗ କରୁଥିବା ଏମଭି-୯୬ ଗ୍ରାମ ନିକଟରେ ଏକ ପୋଲ ବୁଡିଯାଇଛି। ଫଳରେ ଉକ୍ତ ରାସ୍ତାରେ ଗାଡିମୋଟର ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛି। ଏପରି ବର୍ଷା ଜାରି ରହିଲେ ମାଲକାନଗିରି ଗିରିଠାରୁ ମୋଟୁ, ପଡିଆ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯିବା ଆଶଙ୍କା ପ୍ରକାଶ ପାଇଛି। ପଡିଆକୁ ସଂଯୋଗ କରୁଥିବା କନ୍ୟା ଆଶ୍ରମ ବିଦ୍ୟାଳୟ ନିକଟରେ ଥିବା ପଟେରୁ ପୋଲରେ ପାଣି ଚାଲିଛି। ମାଲକାନଗିରିଠାରୁ କାଲିମେଳାକୁ ସଂଯୋଗ କରୁଥିବା କାଙ୍ଗୁରୁକୋଣ୍ଡା ଗ୍ରାମ ନିକଟସ୍ଥ ପୋଲ ବୁଡି ପୋଲ ଉପରେ ପାଣି ଚାଲୁଛି। ବ୍ଲକ ପ୍ରଶାସନ, ପୋଲିସ ପ୍ରଶାସନ ଏବଂ ଅଗ୍ନିଶମ ବିଭାଗ ପରିସ୍ଥିତି ଉପରେ ନଜର ରଖିଛି।



ପୋଲ ଉପରେ ପ୍ରବାହିତ ହେଉଥିବା ବର୍ଷାଜଳ।

## ପଦ୍ମା କୋଟପାଡ଼ ଲାମ୍ପ୍ସ ଅଧକ୍ଷ ନିର୍ବାଚିତ

କୋଟପାଡ଼,୧୧।୭ ( ଡି.ଏନ.ଏ. )

କୋରାପୁଟ ଜିଲା କୋଟପାଡ଼ ବହୁମୁଖୀ ସମବାୟ ସମିତିର ଅଧକ୍ଷ ପଦ ସକାଶେ ଲାମ୍ପ୍ସ କାର୍ଯ୍ୟାଳୟରେ ସୋମବାର ନିର୍ବାଚନ ଅନୁଷ୍ଠିତ ହେଇଯାଇଛି। ପଦ୍ମା ନାୟକ ଅଧକ୍ଷ ରୂପେ ନିର୍ବାଚିତ ହୋଇଛନ୍ତି। ତାଙ୍କୁ ୮ଟି ଭୋଟ ମିଳିଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦୀ ଖଗେଶ୍ୱର ପୂଜାରୀଙ୍କୁ ୭ଟି ଭୋଟ ମିଳିଥିଲା। ଖବରରୁ ଜଣାପଡିଛି, ଗତ ୨୬ରେ ଲାମ୍ପ୍ସର ୬ଟି ନିର୍ଦ୍ଦେଶକ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଏହା ପୂର୍ବରୁ ୯ଟି ଜୋନରେ ୯ ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ଦ୍ଦେଶକ ରୂପେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ସରିବା ଦିନଠାରୁ ଅଧକ୍ଷ ପଦବୀ ସକାଶେ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀଙ୍କ ମଧରେ ଛକାପଞ୍ଝା ଲାଗି ରହିଥିଲା। ଗତ ୫ ତାରିଖରେ ୩ ଜଣ ଅଧକ୍ଷ ପଦବୀ ସକାଶେ ନାମାଙ୍କନପତ୍ର ଦାଖଲ କରିଥିଲେ। ପରେ ଜଣେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିଲେ। ସୋମବାର ଅଧକ୍ଷ ପଦବୀରେ କଂଗ୍ରେସରୁ ପଦ୍ମା ନାୟକ ଏବଂ ବଜେଡିରୁ ଖଗେଶ୍ୱର ପୂଜାରୀଙ୍କ ମଧରେ ନିର୍ବାଚନ ହୋଇଥିଲା। ଏଥିରେ ପଦ୍ମା ୮ଟି ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ନିର୍ବାଚନକୁ ଲାମ୍ପ୍ସ ଅଧିକାରୀ ରାଜେନ୍ଦ୍ର ନାୟକ ଓ ସାଇ ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିଲେ।



ପଦ୍ମା ନାୟକ

## ପଟ୍ଟାଙ୍ଗୀ, କୁନ୍ଦୁଲି ଲାମ୍ପ୍ସ ପରିଦର୍ଶନ କଲେ ନାବାର୍ଡ ଡିଡିଏମ୍

ପଟ୍ଟାଙ୍ଗୀ,୧୧।୭(ଡି.ଏନ.ଏ.)

ଚାଷୀଙ୍କଠାରୁ ସଂଗ୍ରହ ହେଉଥିବା ଧାନ କିଣାବିକା ପ୍ରକ୍ରିୟାରେ କିପରି ସ୍ୱଚ୍ଛତା ରହିବ ସେ ନେଇ ନାବାର୍ଡ ବ୍ୟାଙ୍କ ଡିଡିଏମ୍ ମୁରାରୀ ମୋହନ ବେହେରା ଗୁରୁତ୍ୱାରୋପ କରିଛନ୍ତି। ସେ ଏକ ପ୍ରତିନିଧିଦଳ ସହ ପଟ୍ଟାଙ୍ଗୀ ଏବଂ କୁନ୍ଦୁଲି ଲାମ୍ପ୍ସ କାର୍ଯ୍ୟାଳୟ ପରିଦର୍ଶନ କରି ସମସ୍ତ ବ୍ୟବସ୍ଥାର ତଦାରଖ କରିଛନ୍ତି। ବେହେରା ପ୍ରତିନିଧି ଦଳ ସହ ଗସ୍ତରେ ଆସି ପ୍ରଥମେ ସ୍ଥାନୀୟ ଲାମ୍ପ୍ସ କାର୍ଯ୍ୟାଳୟରେ ପରିଚାଳନା ନିର୍ଦ୍ଦେଶକ ଦିଗାମ୍ବର ନାୟକଙ୍କ ସହ ଚାଷୀଙ୍କଠାରୁ ଧାନକିଣା ପରେ କିପରି ସୁରକ୍ଷିତ ସ୍ଥାନରେ ରହିବ ସେନେଇ ଆଲୋଚନା କରି ଧାନ ରଖା ହେବା ନେଇ ରହିଥିବା ସ୍ଥାନକୁ ବୁଲି ଦେଖିଥିଲେ। ଚାଷୀଙ୍କଠାରୁ ଯେପରି ଅଧିକରୁ ଅଧିକ ଧାନ କିଣା ହୋଇପାରିବ ଏବଂ ସେମାନେ ଠିକ୍ ସମୟରେ ନିଜ ପ୍ରାପ୍ୟ ପାଇବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଧାନ ମହଜୁଦ ପାଇଁ ଲାମ୍ପ୍ସ ଜାଗାରେ ଗୋଦାମ ଗୃହ ନିର୍ମାଣ ପାଇଁ ଶତକଡା ୧ ପ୍ରତିଶତ ସୁଧରେ ଋଣ ଯୋଗାଇ ଦେବେ ବୋଲି ଏହି ଅବସରରେ ସେ ପ୍ରତିଶ୍ରୁତି ଦେଇଥିଲେ। ନାନୋ ୟୁରିଆର ଅଧିକ ବ୍ୟବହାର, ଡ୍ରୋନ ଜରିଆରେ ଚାଷ ଜମିରେ ସ୍ପ୍ରେ କରିବା ଏବଂ କୋଟିଆ ଅଞ୍ଚଳର ବିକାଶ ପାଇଁ କିପରି ବଳରାମ ଯୋଜନାରେ ଅଧିକରୁ ଅଧିକ ଋଣ ବ୍ୟବସ୍ଥା ହୋଇପାରିବ ସେନେଇ ଡିଡିଏମ୍ ବେହେରା ଗୁରୁତ୍ୱାରୋପ କରିଥିଲେ। ଏହି ସମୟରେ କୁନ୍ଦୁଲି ଲାମ୍ପ୍ସର ବି. ସବିତା, ବି. ରାବନା, ସନ୍ତୋଷ ଆଚାର୍ଯ୍ୟ, ଚକ୍ରଧର ପଟ୍ଟନାୟକ, ଲକିନାଥ ଖରା, ସତ୍ୟନାରାୟଣ ଚାଲାଣ, ପୂର୍ଣ୍ଣଚନ୍ଦ୍ର ଖରା, ଟି.ପି. ରାକେଶ, ଦଶରଥ ଖଡା, ନାରାୟଣ ହନ୍ତାଳ, ପ୍ରଦୀପ ସାହୁଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ।



କର୍ମଚାରୀଙ୍କ ଗହଣରେ ଲାମ୍ପ୍ସ ପରିଦର୍ଶନରେ ଆସିଥିବା ଡିଡିଏମ୍ ।

## ବ୍ରଜ କିଶୋର ଏମ୍‌ପି ପ୍ରତିନିଧି ମନୋନୀତ

ମାଲକାନଗିରି,୧୧।୭(ଡି.ଏନ.ଏ.)

ମାଲକାନଗିରି ପୌର ପରିଷଦର ଏମ୍‌ପି ପ୍ରତିନିଧି ଭାବେ ବ୍ରଜ କିଶୋର ପାଳଙ୍କୁ ଚୟନ କରାଯାଇଛି।



ସୋମବାର ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ମାଲକାନଗିରି ଏମ୍‌ପି ପ୍ରତିନିଧି ଭାବେ ବ୍ରଜ କିଶୋରଙ୍କୁ ଚୟନ କରାଯାଇଥିବା ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି। ଫଳରେ ପାଳ ପୌର ପରିଷଦ କାର୍ଯ୍ୟାଳୟକୁ ଯାଇ ପୌର ଅଧକ୍ଷ ମନୋଜ ବାରିକ ଓ ପୌର ନିର୍ବାହୀ ଅଧିକାରୀ ତ୍ରିଶୁଳ ମାର୍ଡିଙ୍କ ଉପସ୍ଥିତିରେ ଉକ୍ତ ଚିଠି ପ୍ରଦାନ କରିଥିଲେ।ସୂଚନାଯୋଗ୍ୟ, ପାଳ ଏହା ପୂର୍ବରୁ ପୌର ପରିଷଦ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରି ଚାକିରିରୁ ଅବସର ନେଇଥିଲେ। ଅବସର ପରେ ସେ ବିଜେଡିରେ ସାମିଲ ହୋଇ ଜଣେ ସକ୍ରିୟ ସଦସ୍ୟଭାବେ କାର୍ଯ୍ୟ କରି ଆସୁଛନ୍ତି।

## କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଲେ ନେତା, କର୍ମୀ



କଂଗ୍ରେସ କର୍ମକର୍ତ୍ତାମାନେ ଗ୍ୟାସ ସିଲିଣ୍ଡର ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ରନ୍ଧନ ଗ୍ୟାସର ଦରବୃଦ୍ଧି ପ୍ରତିବାଦ କଲା କଂଗ୍ରେସ**

ଜୟପୁର,୧୧।୭ (ନି.ପ୍ର.)

ରନ୍ଧନ ଗ୍ୟାସ ସିଲିଣ୍ଡରର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲା କଂଗ୍ରେସ ଭବନ ସମ୍ମୁଖରେ ହୋଇଥିବା ବିକ୍ଷୋଭ ପ୍ରଦର୍ଶନରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନଳିନୀ ରଥ ନେତୃତ୍ୱ ନେଇଥିଲେ। କଂଗ୍ରେସ କର୍ମୀ ଓ କର୍ମକର୍ତ୍ତାମାନେ ଗ୍ୟାସ ସିଲିଣ୍ଡର ଧରି ପ୍ରତିବାଦ କରି କେନ୍ଦ୍ର ସରକାର ଉପରେ ବର୍ଷିଥିଲେ। ଏଥିରେ ଜୟପୁର ପୌରାଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ପୂର୍ବତନ ଅଧକ୍ଷ ଭଗବାନ ବାହିନୀପତି, ବିନୋଦ ମହାପାତ୍ର, ଜିଲା ଯୁବ ସଭାପତି ସୁକାନ୍ତ ପଟ୍ଟନାୟକ, ଅଜିତ ସାମନ୍ତରାୟ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ରାମ ନାୟକଙ୍କ ସମେତ କାଉନସିଲରମାନେ ଉପସ୍ଥିତ ଥିଲେ ।

## ବସ୍‌ରୁ ଲାପଟପ୍, ଟଙ୍କା ଚୋରିକରି ଜଣେ ଗିରଫ

ଜୟପୁର,୧୧।୭ (ନି.ପ୍ର.)

ବସ୍‌ରୁ ଜଣେ ଯାତ୍ରୀଙ୍କ ଲାପଟପ, ଟଙ୍କା ଓ ଜିନିଷ ପତ୍ର ଚୋରି କରିବା ଅଭିଯୋଗରେ ଟାଉନଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଜୟପୁର ତେଲିସାହିର ଏ. ହରିକ୍ରିଷ୍ଣା (୪୧) । ଖବରରୁ ଜଣାପଡିଛି, ବିଶାଖାପାଟଣା ଗୋପାଳପଟନମର ଶେଖ୍ ନଜିର ଓଏସ୍‌ଆର୍‌ଟିସି ବସ୍‌ରେ ଚିତ୍ରକୋଣ୍ଡା ଆସୁଥିଲେ । ଜୟପୁର ବସଷ୍ଟାଣ୍ଡରେ ଶୌଚ ପାଇଁ ଯାଇଥିଲେ। ସେଠାରୁ ଫେରିବା ବେଳକୁ ତାଙ୍କର ବ୍ୟାଗ ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ଏହି ବ୍ୟାଗରେ ଶେଖ୍ ନଜିରଙ୍କ ଲାପଟପ, ୬ ହଜାର ଟଙ୍କା, ନୂଆ ଶାଢ଼ି, ଡ୍ରେସ ଆଦି ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଥିଲା। ବହୁ ଖୋଜାଖୋଜି କରି ବ୍ୟାଗ ନ ପାଇ ଶେଖ୍ ନଜିର ଏନେଇ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସିସି କ୍ୟାମେରା ମଧ ଯାଞ୍ଚ କରିଥିଲା। ଏହି ବସ୍‌ରେ ୯ ନମ୍ବର ସିଟ୍‌ରେ ବସିଥିବା ଏ. ହରିକ୍ରିଷ୍ଣା ଚୋରି କରିଥିବା ତଦନ୍ତରୁ ଜାଣିବାକୁ ପାଇ ତାଙ୍କ ଘର ଉପରେ ଚଢ଼ାଉ କରିଥିଲା। ତାଙ୍କ ଘରୁ ଚୋରି ସାମଗ୍ରୀ ଜବତ କରି ତାଙ୍କୁ ଗିରଫ କରିଥିଲା ବୋଲି ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ କହିଛନ୍ତି ।

## ଗଛପଡ଼ି ରାସ୍ତା ଅବରୋଧ

ପଡିଆ, ୧୧।୭(ଡି.ଏନ.ଏ.)

ଲଘୁଚାପଜନିତ ବର୍ଷା ଗତ ୪ଦିନ ଧରି ଜାରି ରହିଛି। ସୋମବାର ମଧାହ୍ନରେ ମାଲକାନଗିରି ଜିଲା ପଡିଆ ବ୍ଲକ କାଲଧାପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ କଲାଗୋଣ୍ଡା ରାସ୍ତାରେ ଏକ ବିରାଟ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଏହି ରାସ୍ତା ଏମଭି ୧୧୭ ଗ୍ରାମକୁ ସଂଯୋଗ କରୁଛି। ଅଗ୍ନିଶମ ବାହିନୀ ପକ୍ଷରୁ ଗଛ କାଟି ରାସ୍ତା ସଫା କରାଯାଇଥିଲା। ଲଗାଣବର୍ଷା ଯୋଗୁ ବହୁବର୍ଷର ପୁରୁଣା ଅଁଳା ଗଛ ରାସ୍ତା ଉପରେ ଉପୁଡି ପଡିଥିଲା। ଫଳରେ ଅଞ୍ଚଳର ଗ୍ରାମବାସୀଙ୍କ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପଡିଆ ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର ସିଂ ଟିମ୍ ସହ ଆସି ଗଛ କାଟି ଉକ୍ତ ରାସ୍ତାରେ ଯାତାୟାତ ସ୍ୱାଭାବିକ କରିଥିଲେ। ପ୍ରକାଶ ନାୟକ, ପ୍ରଶାନ୍ତ ମାଝୀ, ସୁଶାନ୍ତ ସାହୁ, ବିନୋଦ ବେହେରା, ଭଗବାନ ଭୂନିଆଁ, ସୁଦର୍ଶନ ପ୍ରଧାନ ଏଥିରେ ସାମିଲ ହୋଇଥିଲେ।



ଅଗ୍ନିଶମ କର୍ମଚାରୀ ଗଛକାଟି ସଫା କରୁଛନ୍ତି।

## ୬ ଫୁଟର ଡାମଣା ଉଦ୍ଧାର

ଜି.ଉଦୟଗିରି,୧୧।୭(ଡି.ଏନ.ଏ.)

ଜି.ଉଦୟଗିରି ପଦାସାହିରୁ ସୋମବାର ୬ ଫୁଟିଆ ଡାମଣା ସାପକୁ ଉଦ୍ଧାର କରାଯାଇଛି। ସ୍ନେକ ହେଲ୍ପ ଲାଇନ ଟିମର ରାଜିବ ଦଳବେହେରା ଏବଂ ଟିଷ୍ଟୁ ଯୁଣ୍ଡି ପ୍ରମୁଖ ପଦାସାହିରୁ ଉପାଧକ୍ଷଙ୍କ ଘରୁ ସାପ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି। ସ୍ନେକ ହେଲପ୍ ଲାଇନ୍‌ର ଏହି ତୁରନ୍ତ ଏବଂ ନିଶୁଳ୍କ ସେବା ପାଇଁ ସାଧୁବାଦ ଜଣାଇଛନ୍ତି ସାହି ବାସିନ୍ଦା।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ସଂଘ

ମାଲକାନଗିରି,୧୧।୭(ଡି.ଏନ୍.ଏ.)

- ନିର୍ଦ୍ଦେଶ ପ୍ରତ୍ୟାହାର ନ ହେଲେ ଆନ୍ଦୋଳନ ଚେତାବନୀ
- ବିଦ୍ୟାଳୟରେ ଗଣମାଧମ ପ୍ରତିନିଧିଙ୍କ ପ୍ରବେଶ କଟକଣା

ଶିକ୍ଷା ବିଭାଗ ଏକ ନିର୍ଦ୍ଦେଶନାମା ଦ୍ୱାରା ଗଣମାଧମ ପ୍ରତିନିଧିଙ୍କୁ ବିଦ୍ୟାଳୟରେ ପ୍ରବେଶକୁ ନିଷେଧ କରିବା ଘଟଣାକୁ ନେଇ ମାଲକାନଗିରି ଜିଲା ସାମ୍ବାଦିକ ସଂଘ ମିଳିତ ମଞ୍ଚ ଏହାକୁ ନିନ୍ଦା କରିଛି। ତୁରନ୍ତ ଏହି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଛି। ସୋମବାର ମାଲକାନଗିରି ଜିଲାର ତିନୋଟି ସାମ୍ବାଦିକ ସଂଘର ସମନ୍ୱୟ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଶାଳ ସିଂଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଉତ୍କଳ ସାମ୍ବାଦିକ ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ର, ମାଲକାନଗିରି ୟୁନିଅନ ଅଫ ଜର୍ନାଲ ସଭାପତି ଦେବପ୍ରସାଦ ଦାସ, ଓଡିଶା ୟୁନିଅନ ଅଫ ଜର୍ନାଲ ସଭାପତି ତ୍ରିଲୋଚନ ଦାସ, ସନ୍ତୋଷ ନାଗ, ଅଶୋକ ମିଶ୍ର, ଜିତେନ୍ଦ୍ର ବେଉରିଆ, ଶ୍ରୀନିବାସ ପାତ୍ର, ସତ୍ୟନାରାୟଣ ଦାସ, ମନୋଜ ମହାନ୍ତି, ଅପୂର୍ବ ଅଣ୍ଡର, ଦିବାକର ଭଗବାନ, ଚନ୍ଦ୍ରକାନ୍ତପଣ୍ଡା, ଅସୀମ ବିଶ୍ୱାସ, ସତ୍ୟନାରାୟଣ ପଣ୍ଡା, ଦୁର୍ଗାପ୍ରସାଦ ପଟ୍ଟନାୟକ, ରତ୍ନାକର ଦାସ, ଏ. ଇଶ୍ୱର ରାଓ, କାମରାଜ ଜେନା, ସୁଶାନ୍ତ ସଗରିକା, ଶିବ ପ୍ରସାଦ କିର୍ତ୍ତନିଆ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଏହି ନିର୍ଦ୍ଦେଶନାମା ପ୍ରତ୍ୟାହାର ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନରେ ମାଲକାନଗିରି ଜିଲାର ସମସ୍ତ ଗଣମାଧମ ପ୍ରତିନିଧି ସାମିଲ ହେବେ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ସୋମବାର ଭୁବନେଶ୍ୱରଠାରେ ଶିକ୍ଷାମନ୍ତ୍ରୀ ସମୀର ଦାସଙ୍କ ସହ ବିଭିନ୍ନ ଗଣମାଧମ ପ୍ରତିନିଧି ଆଲୋଚନା କରିଛନ୍ତି। ଶିକ୍ଷାମନ୍ତ୍ରୀ ଏପରି କୌଣସି ନିର୍ଦ୍ଦେଶନାମା ଜାରି ହୋଇନାହିଁ ବୋଲି ପ୍ରକାଶ କରିଛନ୍ତି।

ଏନେଇ ରବିବାର ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ମିଳିତ ମଞ୍ଚ ସହ ମାଲକାନଗିରି ୟୁନିୟନ ଅଫ ଜର୍ନାଲ, ଓଡିଶା ୟୁନିୟନ ଅଫ ଜର୍ନାଲର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଆବାହକ ଦୁର୍ଯ୍ୟୋଧନ ପାତ୍ର ଅଧକ୍ଷତା କରିଥିଲେ। ଗଣମାଧମ ପ୍ରତିନିଧିମାନେ ବିଦ୍ୟାଳୟରେ ଖବର ସଂଗ୍ରହ କରିବା ସହ ଛାତ୍ରୀଛାତ୍ରୀଙ୍କୁ ଅନେକ ସମୟରେ ସାଧାରଣ ଜ୍ଞାନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସମ୍ପର୍କରେ ସଚେତନ କରି ଶିକ୍ଷୟିତ୍ରୀ, ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସହ ଶିକ୍ଷା ଓ ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥାନ୍ତି। ତେବେ କେଉଁ କାରଣରୁ ଶିକ୍ଷାମନ୍ତ୍ରୀ ଏପରି ନିର୍ଦ୍ଦେଶ ଦେଲେ ତାହାକୁ ନେଇ ଆଲୋଡନ ସୃଷ୍ଟି ହୋଇଛି। ଶିକ୍ଷାମନ୍ତ୍ରୀ କାଗଜ କଲମରେ ଶିକ୍ଷାର ଉନ୍ନତି ଚାହାନ୍ତି ନା ବାସ୍ତବରେ ଶିକ୍ଷାର ଉନ୍ନତି ହେଉ ବୋଲି ଚାହାନ୍ତି ସେନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା।



ଦାବିପତ୍ର ଦେବାକୁ ଆସିଥିବା ବିଭିନ୍ନ ଗଣମାଧମର ପ୍ରତିନିଧିମାନେ।

## ଜନସଂଖ୍ୟା ନିୟନ୍ତ୍ରଣରେ କୋରାପୁଟ ଜିଲା ପ୍ରଥମ

**ବିଶ୍ୱ ଜନସଂଖ୍ୟା ଦିବସ ପାଳିତ**

କୋରାପୁଟ,୧୧।୭(ସ୍ୱ.ପ୍ର.)

କୋରାପୁଟରେ ସୋମବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଏଡିପିଏଚଓ(ଭିଭିଡି) ଡାକ୍ତର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ ପରିବାର ନିୟନ୍ତ୍ରଣ ପାଇଁ ସ୍ଥାୟୀ ଓ ଅସ୍ଥାୟୀ ପଦ୍ଧତି ଉପରେ ଆଲୋକପାତ କରିଥିଲେ । ପରିବାର ନିୟନ୍ତ୍ରଣ କାର୍ଯ୍ୟକ୍ରମରେ କୋରାପୁଟ ଜିଲା ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ କାର୍ଯ୍ୟକ୍ରମ ସଫଳତା ସହ ସମ୍ପନ୍ନ କରି ରାଜ୍ୟର ପ୍ରଥମ ଜିଲା ଭାବେ ମାନ୍ୟତା ପାଇଥିବା ସେ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ଶୁଭକାନ୍ତ ଗନ୍ତାୟତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଏଡିପିଏଚଓ (ପରିବାର କଲ୍ୟାଣ) ଡାକ୍ତର ନୀଳମାଧବ ଶତପଥୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ଯୋଗଦେଇ ଜନସଂଖ୍ୟା ଦିବସର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜନସଂଖ୍ୟା ଦିବସ ନେଇ ଏକ ସଚେତନତା ପୋଷ୍ଟର ଉନ୍ମୋଚନ ହୋଇଥିଲା । ପିଏଚସିଓ ଶୁଭନାରାୟଣ ନାୟକ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀଙ୍କ ସହ ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୧୨ ଜୁଲାଇ, ୨୦୨୨



# ସାଇକେଲରେ ଖଟିଆ ରଖି ଗର୍ଭବତୀ ୧.୫ କି.ମି. ବୁହାହେଲେ

ଝରିଗାଁ,୧୧।୭(ସ୍ୱ.ପ୍ର.)


ଗର୍ଭବତୀଙ୍କୁ ବୋହି ନିଆଯାଉଛି।

ଗାଁକୁ ପକ୍କାରାସ୍ତା ନାହିଁ। ବର୍ଷାରେ ରାସ୍ତା କାଦୁଅପୂର୍ଣ୍ଣ ଥିବାରୁ ଆମ୍ବୁଲାନ୍ସ ଗାଁକୁ ଆସିପାରିଲାନି। ଫଳରେ ପରିବାର ଲୋକେ ଏବଂ ଗ୍ରାମବାସୀ ସାଇକେଲରେ ଖଟିଆ ବାନ୍ଧି ପଲିଥିନ୍ ଘୋଡ଼ାଇ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେଇଛନ୍ତି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ବେଲଝରି ଗ୍ରାମର ଦିଉଡୁଗୁଡ଼ା ଅଞ୍ଚଳରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ଦିଉଡୁଗୁଡ଼ା ଗ୍ରାମର ଚୈତନ୍ୟ ସାନ୍ତାଙ୍କ ସ୍ତ୍ରୀ ରଇଲା(୨୩) ସୋମବାର ସକାଳେ ପ୍ରସବ ବେଦନା ଅନୁଭବ କରିଥିଲେ। ଏହାପରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସ୍ଥାନୀୟ ଆଶା ବନୀତା ଗୌଡ଼ଙ୍କୁ ଖବର ଦେଇଥିଲେ। ଆଶା ତୁରନ୍ତ ଆମ୍ବୁଲାନ୍ସ ଡାକିଥିଲେ। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବା ସହ ଦିଉଡୁଗୁଡ଼ା ଗ୍ରାମର ରାସ୍ତା ଖରାପ ଯୋଗୁ ପ୍ରାୟ ୧.୫ କି.ମି. ଦୂର ବେଲଝରି ଗ୍ରାମରେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ଫଳରେ ପରିବାର ଲୋକ ଗର୍ଭବତୀଙ୍କୁ ଖଟିଆରେ ନେବାକୁ ବାଧ ହୋଇଥିଲେ। ସେଠାରୁ ତାଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ରଇଲା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଏବେ ମା' ଏବଂ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି।

**କାଦୁଅ ରାସ୍ତାରେ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ**

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମାର୍ବଲ କାରିଗର ମୃତ

ନବରଙ୍ଗପୁର,୧୧।୭(ବି.ପ୍ର.)

**କାମ କରାଉଥିବା ଷ୍ଟଲ ମାଲିକଙ୍କୁ ଦାୟୀ କଲେ ପରିବାର**

ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ଷ୍ଟଲରେ ମାର୍ବଲ ପ୍ଲେଟ ପକାଉଥିବା ପକାଇବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ କାରିଗରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବିହାରର ସାଜମ।

ସୂଚନା ଅନୁଯାୟୀ, ସାଜମ ବିହାର ରାଜ୍ୟ ବାଙ୍କା ଜିଲାରୁ ୧୫ ବର୍ଷ ତଳୁ ନବରଙ୍ଗପୁର ଆସି ମାର୍ବଲ ପ୍ଲେଟ କାରିଗର ଭାବେ କାମ କରୁଥିଲେ। ନନ୍ଦାହାଣ୍ଡି ବ୍ଲକ ଦଳାଇଗୁଡ଼ାର ସୁକାନ୍ତି ବେଗମ୍‌ଙ୍କୁ ବିବାହ କରି ଏଠାରେ ରହୁଥିଲେ। ସୋମବାର କାମ କରିବା ସମୟରେ ବିଦ୍ୟୁତ୍ ଆଘାତରେ ସେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଜମଙ୍କ ଛୋଟ ଛୋଟ ୩ ଝିଅ ପୁଅ ରହିଛନ୍ତି। ଷ୍ଟଲରେ ବିଦ୍ୟୁତ୍ ସଂଯୋଗ ନ ଥିବାରୁ ନିକଟରୁ ହୁକ୍ ପକାଇ କାମ କରିବାକୁ ଷ୍ଟଲ ମାଲିକ କହିଥିଲେ। ଫଳରେ ଏଭଳି ଘଟଣା ଘଟିଥିବା ସାଜମଙ୍କ ଭାଇ ମହମ୍ମଦ ରାହୁଲ ଅଭିଯୋଗ କରିଛନ୍ତି। ଷ୍ଟଲ ମାଲିକ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି। ଏଥିସହ ପରିବାରର ଭରଣପୋଷଣ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ସେ ଅନୁରୋଧ କରିଛନ୍ତି।ପରିବାରବର୍ଗ ପୋଲିସକୁ ଘଟଣା ବିଷୟରେ ଜଣାଇବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ଏସ୍‌ଏସ୍‌ଡି ହାଇସ୍କୁଲରେ ଚାରାରୋପଣ

ଚନ୍ଦ୍ରପୁର,୧୧।୭(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଡାଙ୍ଗସୋରଡ଼ା ସ୍ଥିତ ଏସ୍‌ଏସ୍‌ଡି ସରକାରୀ ହାଇସ୍କୁଲ ପରିସରରେ ବନ ମହୋତ୍ସବ ଉପଲକ୍ଷେ ଚାରାରୋପଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ଆର୍, କାଲାଇ ଭେନନ୍ ଯୋଗଦେଇ ଜଙ୍ଗଲ ସୁରକ୍ଷା ବିଷୟରେ ନିଜ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ ଏବଂ ଅତିଥିଙ୍କ ପକ୍ଷରୁ ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯାଇଥିଲା। ସମ୍ମାନୀତ ଅତିଥି ରୂପେ ଜିଲା ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଗୌରାଙ୍ଗ ଚରଣ ରାଉତ, ପ୍ରଧାନ ଶିକ୍ଷକ ଜୟଲାଲ ନାୟକ, ପ୍ରକୃତି ବନ୍ଧୁ ବିଜୟ ପ୍ରସାଦ ଉଲାକା, ଗଣମାଧ୍ୟମ ପ୍ରତିନିଧି ବାପି ସାହୁକାର, ସ୍ୱେଚ୍ଛାସେବୀ ଅନୁଷ୍ଠାନର ବିଘ୍ନରାଜ ମିଶ୍ର, ଡାଙ୍ଗସୋରଡ଼ା ବନପାଳ ଗିରି ପ୍ରଧାନୀ ଏବଂ ବନରକ୍ଷୀମାନେ ଉପସ୍ଥିତ ରହି ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ ଚାରୋରୋପଣ କରିଥିଲେ।

### ବିଦ୍ୟାଳୟ ଛାତ ଉପରେ ପଡ଼ିଲା ଗଛଡାଳ

ଅଳ୍ପକେ ବର୍ତ୍ତିଲେ ଛାତ୍ରୀଛାତ୍ର



ପାପଡାହାଣ୍ଡି,୧୧।୭(ଡି.ଏନ.ଏ.)- ପାପଡ଼ାହାଣ୍ଡି ବ୍ଲକ ନୂଆକୋଟ ପଞ୍ଚାୟତ ପିତାରିଗୁଡ଼ା ୟୁ.ପି. ସ୍କୁଲରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଆମ୍ବଗଛର ଡାଳ ସୋମବାର ସ୍କୁଲ ଶ୍ରେଣୀଗୃହ ଛାତ ଉପରେ ପଡ଼ିଥିଲା। ତେବେ ଛାତ୍ରୀଛାତ୍ର ଏଥିରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ବିପଦସଙ୍କୁଳ ଅବସ୍ଥାରେ ଥିବା ଗଛଟିକୁ କାଟିବାକୁ ବାରମ୍ବାର ଦାବି ହେଉଥିଲା। ଶେଷରେ ସୋମବାର ଗଛଡାଳ ଶ୍ରେଣୀଗୃହ ଛାତ ଉପରେ ପଡ଼ିଥିଲା। ସୂଚନା ଅନୁଯାୟୀ, ମଧ୍ୟାହ୍ନ ଭୋଜନ ସାରି ଅପରାହ୍ନରେ ଛାତ୍ରୀଛାତ୍ର ମାନେ ଶ୍ରେଣୀଗୃହରେ ବସିଥିଲେ। ଏହି ସମୟରେ ଲଗାଣ ବର୍ଷା ଯୋଗୁ ଗଛଡାଳ ଛାତ ଉପରେ ପଡ଼ିଥିଲା। ଭୟରେ ପିଲାମାନେ ବାହାରକୁ ଚାଲିଯାଇଥିଲେ। ଫଳରେ ୨୦ ଛାତ୍ରୀଛାତ୍ର ବର୍ତ୍ତିଯାଇଛନ୍ତି। ଗଛଟିକୁ କାଟିବାକୁ ଗ୍ରାମବାସୀ ବିଇଓଙ୍କୁ ଜଣାଇଥିଲେ। ସେ ବନ ବିଭାଗକୁ ଖବର ଦେବା ପରେ ଗଛ କାଟିବା ଲାଗି ଅନୁମତି ଦେଇଥିଲେ। କିନ୍ତୁ ଗଛ କାଟିବା ପାଇଁ ୪୦ ହଜାର ଟଙ୍କା ନ ଥିବାରୁ ଗଛ କଟାଯାଇ ପାରୁ ନ ଥିଲା। ପାପଡ଼ାହାଣ୍ଡି ଅଗ୍ନିଶମ ଟିମ୍ ପହଞ୍ଚି ସ୍କୁଲ ଛାତରୁ ଗଛଡାଳ କାଟି ସଫା କରିଥିଲେ।

### ଦିବ୍ୟାଙ୍ଗ ମୋହନଙ୍କୁ ମିଳିଲା ଟ୍ରାଇ ସାଇକେଲ



ପାପଡାହାଣ୍ଡି,୧୧।୭(ଡି.ଏନ୍.ଏ.)- ଦିବ୍ୟାଙ୍ଗ ମୋହନଙ୍କୁ ପ୍ରଶାସନ ତରଫରୁ ମିଳିଲା ଟ୍ରାଇ ସାଇକେଲ। ସୋମବାର ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା ମୋହନଙ୍କୁ ଏହି ସାଇକେଲ ପ୍ରଦାନ କରିଛନ୍ତି। ମୋହନ ଜନ୍ମରୁ ଦିବ୍ୟାଙ୍ଗ ଏବଂ ତାଙ୍କର ଦୁଇ ଗୋଡ଼ କାମ କରୁନାହିଁ। ସେ ବହୁ କଷ୍ଟରେ ବାଡ଼ି ଧରି ଚାଲୁଥିଲେ। ସ୍କୁଲ ଯିବାରେ ଅସୁବିଧା ହେଉଥିଲା। ବିଭିନ୍ନ ସ୍ଥାନରେ ଚିକିତ୍ସା ପରେ ମଧ ଗୋଡ଼ ଠିକ୍ ହୋଇ ନ ଥିଲା। ଏ ନେଇ ବ୍ଲକ ଉପାଧକ୍ଷ ସୁଶାନ୍ତ ବେହେରା ଅବଗତ ହେବା ପରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ଟ୍ରାଇ ସାଇକେଲ ପ୍ରଦାନ ନେଇ ପ୍ରଚେଷ୍ଟା କରିଥିଲେ। ଏହି ସମୟରେ ବିଡ଼ିଓ ରଞ୍ଜିତା ମଲିକ ଉପସ୍ଥିତ ଥିଲେ।

### ମନ୍ଦିର ସମ୍ମୁଖରେ ପହଞ୍ଚିଲେ ତିନି ଠାକୁର

ଧରାକୋଟ,୧୧।୭(ଡି.ଏନ୍.ଏ.)-ଧରାକୋଟ ଗଡ଼ର ବାହୁଡା ଯାତ୍ରା ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଥିଲା। ବର୍ଷା ଯୋଗୁ ରଥ ଅଧା ବାଟରେ ରବିବାର ଅଟକିବା ପରେ ସୋମବାର ପୁଣି ରଥ ଟଣାଯାଇଥିଲା। ମାଉସୀମା ମନ୍ଦିର ନିକଟରେ ରଥ ପହଞ୍ଚିବା ପରେ ଠାକୁର ମାନଙ୍କୁ ପୋଡପିଠା ସମର୍ପଣ କରାଯାଇଥିଲା। ମା' ଲକ୍ଷ୍ମୀ ଠାକୁରଙ୍କୁ ଡାକରା କରିବାପରେ ରଥ ଆସି ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ସନ୍ଧ୍ୟାରେ ଠାକୁରଙ୍କୁ ଆଳତୀ ପ୍ରଦାନ କରାଯାଇଥିଲା। ମଙ୍ଗଳବାର ରାତିନୀତି ପରେ ରତ୍ନ ସିଂହାସନକୁ ତିନି ଠାକୁର ବିଜେ କରିବେ।

# ଜାଲ ନୋଟ୍ କାରବାର: ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ

ରାୟଗଡ଼ା ଅଫିସ,୧୧।୭

ଅତିରିକ୍ତ ଜିଲା ଦୌରା ଜଜ ରୀନା ଚୌଧୁରୀ ଏକ ସିଟି ମାମଲାର ସୋମବାର ଫଇସଲା କରିଛନ୍ତି। ଜାଲ୍ ନୋଟ କାରବାର ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନା ଅନୁଯାୟୀ, ୨୦୧୮ ମାର୍ଚ୍ଚ ୨୯ ରେ ଝାଞ୍ଜିଲିବାଡ଼ି ଗ୍ରାମରେ ରାମ ନବମୀ ଯାତ୍ରା ଚାଲିଥିଲା। ଶିବ ପାତ୍ର ନାମ ବ୍ୟବସାୟୀ ସେଠାରେ ଚାଟ ଦୋକାନ କରିଥିଲେ। ରଞ୍ଜନ ଜେନା ନାମକ ବ୍ୟକ୍ତି ଏବଂ ତାଙ୍କ ସହଯୋଗୀ ମିଶି ତାଙ୍କ ଦୋକାନରୁ ଚାଟ ଖାଇଥିଲେ। ଖୁଚୁରା ନ ଥିବା କହି ଏକ ନକଲି ୫୦୦ ଟଙ୍କିଆ ନୋଟ୍ ଦେଇଥିଲେ। ପରେ ଚାଟ ଦୋକାନୀ ତାହା ନକଲି ନୋଟ୍ ବୋଲି ଜାଣିବା ପରେ ଯାତ୍ରା କମିଟିକୁ ଜଣାଇଥିଲେ। ଯାତ୍ରା କମିଟି ସଦସ୍ୟ ନକଲି ନୋଟ୍ ଦେଇଥିବା ବ୍ୟକ୍ତିଙ୍କୁ ଧରିଥିଲେ। ତାଙ୍କ ପାଖରୁ ଆହୁରି ୫ ଟି ନକଲି ନୋଟ୍ ବାହାରିଥିଲା। ଉକ୍ତ ବ୍ୟକ୍ତିଙ୍କୁ ଯାତ୍ରା କମିଟି ପକ୍ଷରୁ ଚାନ୍ଦିଲି ଥାନାରେ ଜିମା ଦିଆଯାଇଥିଲା। ପୋଲିସ ଏହାର ତଦନ୍ତ କରି ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିଥିଲା। ସୋମବାର ଏହି ମାମଲାର ବିଚାର ହୋଇଥିଲା। ରଞ୍ଜନ ଜେନା, ଦୁଷ୍ମନ୍ତ ଜେନା, ରଇତ କୁମାର ପାଣି, ସୋନିଆ ଗମାଙ୍ଗଙ୍କ ନାମରେ ଜାଲ୍ ନୋଟ କାରବାର ନେଇ ଅଭିଯୋଗ ହୋଇଥିଲେ ମଧ ରଞ୍ଜନ ବ୍ୟତୀତ ଅନ୍ୟମାନେ ନିର୍ଦ୍ଦୋଶ ପ୍ରମାଣିତ ହୋଇଥିଲେ। ରଞ୍ଜନଙ୍କ ବିରୋଧରେ ପ୍ରମାଣ ଥିବାରୁ ତାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଛି। ଜରିମାନା ଅନାୟଦୟ ଅଧିକ ୩ ମାସ ଜେଲ ଦଣ୍ଡ ନିର୍ଦ୍ଦେଶ ହୋଇଛି। ମାମଲାକୁ ସରକାରୀ ଓକିଲ ମହେଶ୍ୱର ମହାପାତ୍ର ପରିଚାଳନା କରୁଥିବା ବେଳେ ମୁଦାଲାଙ୍କ ପକ୍ଷରୁ ଓକିଲ ବିଷ୍ଣୁ ପଣ୍ଡା ଏବଂପଦ୍ମନାଭ ଦାସ ପରିଚାଳନା କରୁଥିଲେ ।

## ଗଛ ପଡ଼ି ଝରିଗାଁ–ଚନ୍ଦାହାଣ୍ଡି ରାସ୍ତା ଅବରୋଧ



ଝରିଗାଁ,୧୧।୭(ସ୍ୱ.ପ୍ର.)

ଲଗାଣ ବର୍ଷାରେ ନବରଙ୍ଗପୁର ଜିଲା ଝରିଗାଁ–ଚନ୍ଦାହାଣ୍ଡି ରାସ୍ତାପାର୍ଶ୍ୱ ହାତୀବାଡ଼ି ଗ୍ରାମ ନିକଟରେ ଥିବା ଏକ ବିରାଟ ଗଛ ସୋମବାର ସନ୍ଧ୍ୟାରେ ଉପୁଡ଼ି ପଡ଼ିଛି। ଏଥିରେ ଝରିଗାଁ–ଚନ୍ଦାହାଣ୍ଡି ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଖବରପାଇ ଝରିଗାଁ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ସଫା କରୁଥିବା ଜଣାପଡ଼ିଛି।

# ଡାକ୍ତର ସୁମନ୍ତ ରାଉଳ ସମ୍ମାନିତ

ଉମରକୋଟ,୧୧।୭(ସ୍ୱ.ପ୍ର.)

**ଉମରକୋଟରେ ରେକର୍ଡ ସଂଖ୍ୟକ ପରିବାର କଲ୍ୟାଣ ଅସ୍ତ୍ରୋପଚାର**

ବିଶ୍ୱ ଜନସଂଖ୍ୟା ଦିବସରେ ନବରଙ୍ଗପୁର ଜିଲା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ସୁମନ୍ତ ରାଉଳ ସମ୍ମାନୀତ ହୋଇଛନ୍ତି। ଜିଲାର ୧୦ ବ୍ଲକ ମଧ୍ୟରୁ ଉମରକୋଟରେ ସର୍ବାଧିକ ୧୮୯୯ ସ୍ତ୍ରୀ ଓ ପୁରୁଷଙ୍କ ପରିବାର କଲ୍ୟାଣ ଅସ୍ତ୍ରୋପଚାର କରି ଡା. ରାଉଳ ଜିଲାରେ ପ୍ରଥମ ସ୍ଥାନ ଅଧିକାର କରି ରେକର୍ଡ ସୃଷ୍ଟି କରିଛନ୍ତି। ତେଣୁ ନବରଙ୍ଗପୁର ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର କାଳିଚରଣ ବେହେରା ତାଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନୀତ କରିଛନ୍ତି। ରୋଗୀ କିପରି ଉନ୍ନତ ସେବା ପାଇବେ ଡାକ୍ତର ରାଉଳ ସେଥିପ୍ରତି ସବୁବେଳେ ଯତ୍ନବାନ ରହିଥାନ୍ତି। ସେ ଏହି ସମ୍ମାନ ପାଇବା ଶୁଣି ଅଞ୍ଚଳବାସୀ ଖୁସି ପ୍ରକାଶ କରିଛନ୍ତି।


ଡାକ୍ତର ସୁମନ୍ତ ରାଉଳ ସମ୍ମାନ ଗ୍ରହଣ କରୁଛନ୍ତି ।

# ସର୍ବଭାରତୀୟ କରାଟେ ଚାମ୍ପିୟନଶିପ୍‌ରେ ନବରଙ୍ଗପୁର ଜିଲାର ୭ ପ୍ରତିଯୋଗୀ

ନବରଙ୍ଗପୁର,୧୧।୭(ବି.ପ୍ର.)


ପ୍ରତିଯୋଗିତା ପାଇଁ ଚୟନ ହୋଇଥିବା ଜିଲାର ପ୍ରତିଯୋଗୀ ଓ ପ୍ରଶିକ୍ଷକ ।

ସେପ୍ଟେମ୍ବର ୧୫ ଏବଂ ୧୬ ରୁ ଛତିଶଗଡ଼ ଅଲମ୍ପିକ ସଂଘ ଓ କରାଟେ ସଂଘର ମିଳିତ ଆନୁକୂଲ୍ୟରେ ବିଳାସପୁରର ରାଜ୍ୟ କ୍ରୀଡ଼ା ପ୍ରଶିକ୍ଷଣ ଇନଡୋର୍ ଷ୍ଟାଡିଅମ ଠାରେ ସର୍ବଭାରତୀୟ କରାଟେ ଚମ୍ପିୟାନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିରେ ଭାଗ ନେବା ପାଇଁ ଓଡ଼ିଶା ଆମାଚ୍ୟୁର କରାଟେ ସଂଘ ତରଫରୁ ଚୟନ କରାଯାଇଥିବା ୭୫ ପ୍ରତିଯୋଗୀ ବିଳାସପୁର ଗସ୍ତ କରିଛନ୍ତି। ସେଥିରେ ନବରଙ୍ଗପୁର ଜିଲା ଏସିଆନ୍ କରାଟେ ସ୍କୁଲର ୭ ଜଣ ରହିଛନ୍ତି। ସେମାନେ ହେଲେ ପ୍ରଜ୍ୱଳ ଜ୍ୟୋତି ସାହୁ, ସନ୍ଦୀପ କୁମାର ରାଉତ, ଆର୍ୟ୍ୟନ ଚୌଧୁରୀ, ଅଦର୍ଶ ବେହେରା, ଅର୍‌ମାନ ଚୌଧୁରୀ, ସଙ୍ଗୀତା ରାଉତ ଓ କବିତା ଭତ୍ରା। ପ୍ରତିଯୋଗିତା ପାଇଁ ପ୍ରତିଯୋଗୀଙ୍କ ମନବୋଳ ବଢ଼ାଇବା ନିମନ୍ତେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲା କ୍ରୀଡ଼ା ସଙ୍ଘର ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ଯୋଗଦେଇ କରାଟେ ଓ କୁଂଫୁ କ୍ରୀଡ଼ାରେ ତାଙ୍କ ନିଜସ୍ୱ ଅନୁଭୂତି ବିଷୟରେ ଅବଗତ କରାଇଥିଲେ। ଯେକୌଣସି ପରିସ୍ଥିତିର ମୁକାବିଲା କରିବା ପାଇଁ ଶାନ୍ତ ମନର ଆବଶ୍ୟକ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଏସିଆନ କରାଟେ ସ୍କୁଲର ସମ୍ପାଦକ ତୁଷାର କାନ୍ତି ଖୋସଲା ଯୋଗ ଦେଇଥିଲେ। ଏସିଆନ କରାଟେ ସ୍କୁଲର ଅଧକ୍ଷ ତଥା ଦଳର କୋଚ୍ ସନସାଇ ଶରତ କୁମାର ରାଉତଙ୍କ ପତ୍ୟକ୍ଷ ତତ୍ତ୍ୱାବଧାନରେ ଦଳ ବିଳାସପୁର ଯାତ୍ରା କରିବ ବୋଲି ସୂଚନା ମିଳିଛି।

# ପାର୍ସାଲିରେ ୨୦ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ

ରାୟଗଡ଼ା ଅଫିସ,୧୧।୭–

**କଲ୍ୟାଣସିଂହପୁର ବ୍ଲକରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି**

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ କଲ୍ୟାଣସିଂହପୁର ବ୍ଲକରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ରାୟଗଡ଼ା ଉପଜିଲାପାଳ ଭୀମସେନ ଶବର, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଏଲ୍.ଏନ୍. ପୃଷ୍ଟି, ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ଚିତ୍ତରଞ୍ଜନ ଜେନା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ପଦ୍ମ ଚରଣ ନାୟକ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜିଲା ମୁଖ୍ୟ କୃଷି ଅଧିକାରୀ, ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗଙ୍କ ସମେତ ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୫୮ ଅଭିଯୋଗ ଜିଲାପାଳଙ୍କ ନଜରକୁ ଆସିଥିଲା। ସେଥିମଧ୍ୟରୁ ୪୬ଟି ବ୍ୟକ୍ତିଗତ ହୋଇଥିବା ବେଳେ ୯ଟି ସାମୁହିକ ଅଭିଯୋଗ ରହିଥିଲା। ୩ ମାମଲାରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।

ଜିଲାପାଳ ପରେ କଲ୍ୟାଣସିଂହପୁର ବ୍ଲକର ପାର୍ସାଲି ଠାରେ ଅବସ୍ଥିତ ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା(ଡିକେଡିଏ) କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ୨୦ ହିତାଧିକାରୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରିଥିଲେ। ପାର୍ସାଲି ସ୍ଥିତ ସରକାରୀ ବାଳିକା ବିଦ୍ୟାଳୟ ଶ୍ରେଣୀ ଗୃହକୁ ପରିଦର୍ଶନ କରି ଛାତ୍ରୀମାନଙ୍କ ସହ ଆଲୋଚନା କରିଥିଲେ। ବିଦ୍ୟାଳୟକୁ ୫–ଟି ଅଧୀନରେ ରୂପାନ୍ତରିତ କରିବାକୁ ପ୍ରସ୍ତାବ ରହିଛି ଏବଂ ବିଦ୍ୟାଳୟର ଖେଳ ପଡ଼ିଆ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ସୁନାଖଣ୍ଡି ଗ୍ରାମକୁ ଯାଇ ସେଠାରେ ଏସ୍‌ଏଚ୍‌ଜିଙ୍କ ଦ୍ୱାରା ଓଏଲ୍‌ଏମ୍ ଜରିଆରେ ହୋଇଥିବା ଚାରାକେନ୍ଦ୍ର ଓ କୁକୁଡ଼ା ପାଳନ କେନ୍ଦ୍ର ପରିଦର୍ଶନ କରିବା ସହ ଆଲୋଚନା କରିଥିଲେ। ଗ୍ରାମର ପୁରୁଣା ଅଙ୍ଗନ ବାଡ଼ି କେନ୍ଦ୍ରର ନବୀକରଣ ନିମନ୍ତେ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଆଇଟିଡିଏ ପକ୍ଷରୁ ୪ ହଜାର ଚାରାରୋପଣ

ଚନ୍ଦ୍ରପୁର,୧୧।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଝୁରିଗୁଡ଼ା ପଞ୍ଚାୟତର ମୁଡ, ଡେଲାପଡ଼ା ଗ୍ରାମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ୪୦ରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କ ଜମିରେ ୪ହଜାର ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚନ୍ଦ୍ରପୁର ବ୍ଲକ ଅଧକ୍ଷ କୋଇନ କିମ୍ବାକା ଯୋଗଦେଇ ହିତାଧିକାରୀ ରାଜେନ୍ଦ୍ର କୁଟ୍ରୁକା, ରାମ କଣ୍ଡାମାକାଙ୍କ ସମେତ ଅନ୍ୟ ହିତାଧିକାରୀଙ୍କୁ ଚାରା ପ୍ରଦାନ କରିଥିଲେ। ସମସ୍ତ ହିତାଧିକାରୀ ନିଜ ଜମିରେ ଚାରାରୋପଣ କରିଥିଲେ। ସମ୍ମାନୀତ ଅତିଥି ରୂପେ ଝୁରିଗୁଡ଼ା ସମିତିସଭ୍ୟ ମନୋଜ ପ୍ରାସ୍କା, ଆଇଟିଡିଏର ଜୀବନ ଜୀବିକା ବିଶେଷଜ୍ଞ ବିଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ଗ୍ରାମବାସୀଙ୍କ ସହାୟତାରେ ଚାରାରୋପଣ କରାଯାଉଛି।

# ନଦୀକୂଳିଆ ଅଞ୍ଚଳବାସୀ ସତର୍କ ରହିବାକୁ ପରାମର୍ଶ

ପଦ୍ମପୁର,୧୧।୭(ଡି.ଏନ୍.ଏ.)

ଲଘୁଚାପ ବର୍ଷାକୁ ନେଇ ରାୟଗଡ଼ା ଜିଲାକୁ ପାଣିପାଗ ବିଭାଗ ପକ୍ଷରୁ ୱାର୍ନିଂ ଦିଆଯିବା ପରେ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ସତର୍କ କରାଯାଇଛି। ପଦ୍ମପୁର ବିଡିଓ ରୀନା ପ୍ରଧାନ ସୋମବାର ଏକ ଜରୁରୀ ବୈଠକ ଡାକି ସବୁ ବିଭାଗକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବିଶେଷ କରି ଜୁଲାଇ ୧୨ ଏବଂ ୧୩ ପ୍ରବଳ ବର୍ଷା ସମ୍ଭାବନାକୁ ଦୃଷ୍ଟିରେ ରଖି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଲୋକଙ୍କ ଧନ ଜୀବନ କିଭଳି ସୁରକ୍ଷା ଦିଆଯିବ, ନଦୀକୂଳିଆ ଓ ଡ୍ୟାମ୍ ତଟବର୍ତ୍ତୀ ଅଞ୍ଚଳବାସୀ ନଦୀ ମଧକୁ ନ ଯିବା, ସଂକ୍ରାମକ ରୋଗ ଯେଭଳି ନ ବ୍ୟାପିବ ସେଥିପାଇଁ ସ୍ୱାସ୍ଥ ବିଭାଗ ସତର୍କ ରହି ଆବଶ୍ୟକୀୟ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଶୁଖିଲା ଖାଦ୍ୟ ମହଜୁଦ ରଖିବାକୁ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷରେ ଦମକଳ ବାହିନୀ ଓ ଆମ୍ବୁଲାନ୍ସ ଟିମ୍‌କୁ ସଜାଗ କରାଯାଇଛି। ସେହିପରି ୨୮ ରେ ହେବାକୁ ଥିବା ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣିକୁ ସଫଳ କରିବା ପାଇଁ ବିଡିଓ ସମସ୍ତ ବିଭାଗ ଅଧିକାରୀଙ୍କୁ କହିଛନ୍ତି। କାର୍ଯ୍ୟକ୍ରମରେ ୧୩ ପଞ୍ଚାୟତର ପିଇଓ, ଜିପିଓ ଅଜୟ କୁମାର ଦାଶ, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ରଶ୍ମିତା ଶବର(ଏଇ) ଶ୍ରୀନିବାସ ରାଓ, ନୀଳକଣ୍ଠ ଗୈଡ଼, ପ୍ରଦୀପ କୁମାର ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ବଳରାମ ନାୟକ, ଦାଶରଥୀ ଗମାଙ୍ଗ, ନରହରି ଦାଶ, ଶ୍ୟାମସୁନ୍ଦର ପାଣିଗ୍ରାହୀ, ଏ. ଗଣପତିଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ପ୍ରବଳ ବର୍ଷା ନେଇ ରାୟଗଡ଼ା ଜିଲାକୁ ୱାର୍ନିଂ**

